# NATIONAL NEWS BULLETIN (ODIA)

## 12 November - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪୩ଟି ଆସନ ପାଇଁ ଆସନ୍ତାକାଲି ମତଗ୍ରହଣ ।

– ଏଥିସହ ୱାୟନାଡ୍ ଲୋକସଭା ଏବଂ ୧୧ଟି ରାଜ୍ୟର ୩୩ଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ପାଇଁ ନିଆଯିବ ଭୋଟ ।

- ମହାୟୁତି ମେଣ୍ଟ ସରକାର ମହାରାଷ୍ଟ୍ରରେ ବହୁବିଧ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରି କରିଛି, କହିଲେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସୂଚକାଙ୍କ ୨୦୨୪ ରିପୋର୍ଟ ଅନୁଯାୟୀ ଶ୍ରେଷ୍ଠ ୧୦ଟି ଦେଶ ମଧ୍ୟରେ ସ୍ଥାନିତ ହେଲା ଭାରତ ।

ଏବଂ

- ମହିଳା ଏସିଆନ୍ ଚାମ୍ପିୟନ୍ସ ହକି ପ୍ରତିଯୋଗିତାରେ ଆଜି ଭାରତ ଦକ୍ଷିଣ କୋରିଆ ବିରୁଦ୍ଧରେ ୩-୨ ଗୋଲ୍‌ରେ ବିଜୟୀ ।

# ଝାଡ଼ଖଣ୍ଡ-ଇଲେକ୍‌ସନ୍

ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା କାଲି ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ୪୩ଟି ବିଧାନସଭା ମଣ୍ଡଳୀ ପାଇଁ ୬୮୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସେମାନଙ୍କ ମଧ୍ୟରେ ୭୩ ଜଣ ମହିଳା ପ୍ରାର୍ଥୀ ଅନ୍ତର୍ଭୁକ୍ତ । ଏହି ପର୍ଯ୍ୟାୟ ପାଇଁ ୧୫ ହଜାର ୩୪୪ଟି ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସେଥିମଧ୍ୟରେ ୨୨୫ଟି ମତଦାନ କେନ୍ଦ୍ର ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ମତଗ୍ରହଣ ସକାଳ ୭ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ । ତେବେ ୩୧ଟି ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ୯୫୦ଟି ସମ୍ବେଦନଶୀଳ ବୁଥ୍‌ରେ ମତଦାନ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ମୋଟ୍ ୧ କୋଟି ୩୭ ଲକ୍ଷରୁ ଅଧିକ ଭୋଟର ଏହି ପର୍ଯ୍ୟାୟରେ ମତାଧିକାର ସାବ୍ୟସ୍ତ କରିବେ । ଅବାଧ, ନିରପେକ୍ଷ ତଥା ସ୍ୱଚ୍ଛ ନିର୍ବାଚନ ଲକ୍ଷ୍ୟରେ ୨୦୦ କମ୍ପାନୀରୁ ଅଧିକ ସୁରକ୍ଷାବଳଙ୍କୁ ରାଜ୍ୟରେ ମୁତୟନ କରାଯାଇଛି ।

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୦ ତାରିଖରେ ୩୮ଟି ବିଧାନସଭା ମଣ୍ଡଳୀ ପାଇଁ ଅନୁଷ୍ଠିତ ହେବ । ୨୩ ତାରିଖ ଦିନ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ । ଝାଡ଼ଖଣ୍ଡ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ରବି କୁମାର କହିଛନ୍ତି, ବେଆଇନ୍ ସାମଗ୍ରୀ କାରବାର ଏବଂ ନଗଦ ଅର୍ଥ ଆକାରରେ ଆଦର୍ଶ ଆଚରଣବିଧି ଲାଗୁ

ହେବା ପରଠାରୁ ଏ ପର୍ଯ୍ୟନ୍ତ ୧୭୯ କୋଟିରୁ ଅଧିକ ଅର୍ଥ ଜବତ କରାଯାଇଛି । ୫୪ଟି ମାମଲା ରୁଜୁ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## ବାଇପୋଲ୍

୧୧ଟି ରାଜ୍ୟର ୩୩ଟି ବିଧାନସଭା ଆସନ ଏବଂ କେରଳର ୱାୟନାଡ୍ ଲୋକସଭା ଆସନ ଉପନିର୍ବାଚନ ପାଇଁ ଆସନ୍ତାକାଲି ମତ ନିଆଯିବ । ବିଧାନସଭା ଆସନଗୁଡ଼ିକ ମଧ୍ୟରେ ରାଜସ୍ଥାନର ୭ଟି, ପଶ୍ଚିମବଙ୍ଗର ୬, ଆସାମର ୫, ବିହାରର ୪, କର୍ଣ୍ଣାଟକର ୩, ମଧ୍ୟପ୍ରଦେଶ ଏବଂ ସିକ୍କିମ୍‌ର ୨ଟି ଲେଖାଏଁ ଆସନ ରହିଛି । କେରଳ, ଛତିଶଗଡ଼, ଗୁଜରାଟ ଏବଂ ମେଘାଳୟର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ଆସନ୍ତାକାଲି ମତ ନିଆଯିବ ।

ଅନ୍ୟ ପକ୍ଷରେ ମହାରାଷ୍ଟ୍ରର ନାନ୍ଦେଡ୍ ସଂସଦୀୟ କ୍ଷେତ୍ର ସମେତ ୧୫ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ମତନିଆଯିବ । ବିଧାନସଭା ଆସନ ଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶର ୯ଟି, ପଞ୍ଜାବର ୪ଟି କେରଳ ଏବଂ ଉତ୍ତରାଖଣ୍ଡର ଗୋଟିଏ ଲେଖାଏଁ ଆସନ ରହିଛି । ଉଭୟ ପର୍ଯ୍ୟାୟର ଭୋଟ୍ ଗଣତି ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା କରାଯିବ ।

# ପିଏମ୍ ମହା-ସୋଲାପୁର ରାଲି

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ସୋଲାପୁର ଠାରେ ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି । ମହାୟୁତି ମେଣ୍ଟ ସରକାର ରାଜ୍ୟରେ ବହୁବିଧ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମହିଳାଙ୍କ ଉନ୍ନତି ଲାଗି ରାଜ୍ୟରେ ମୁଖ୍ୟମନ୍ତ୍ରୀ ମାଝି ଲଡ୍କି ବହିନ୍ ଯୋଜନା ଲାଗୁ କରାଯାଇଛି ବୋଲି ସେ କହିଛନ୍ତି । ମହାୟୁତି ମେଣ୍ଟ ରାଜ୍ୟରେ ସ୍ଥିର ସରକାର ପ୍ରଦାନ କରିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତେବେ କଂଗ୍ରେସ ସଂରକ୍ଷଣ ନୀତିକୁ ଅବମାନନା କରିବା ସହ ଦଳିତ, ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କ ମଧ୍ୟରେ ଏହାକୁ ନେଇ ବିଭେଦ ସୃଷ୍ଟି କରୁଛି ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି ।

ସୂଚନା ଯୋଗ୍ୟ ୨୮୮ ମହାରାଷ୍ଟ୍ର ବିଧାନସଭା ଆସନ ପାଇଁ ଏକକ ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖ ଦିନ ମତଦାନ ଅନୁଷ୍ଠିତ ହେବ ।

# ଉପରାଷ୍ଟ୍ରପତି-ମଧ୍ୟପ୍ରଦେଶ

ମହାକବି କାଳିଦାସଙ୍କ କୃତିରେ ମାନବିକ ଭାବନାର ଏକ ଚମତ୍କାର ସଂଗମ ଦେଖିବାକୁ ମିଳିଥାଏ ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼

କହିଛନ୍ତି । ମଧ୍ୟପ୍ରଦେଶ ଉଜ୍ଜୈନ୍ ଠାରେ ୬୬ତମ ସର୍ବଭାରତୀୟ କାଳିଦାସ ସମାରୋହକୁ ଆଜି ଉଦ୍‌ଘାଟନ କରି ଉପରାଷ୍ଟ୍ରପତି କହିଛନ୍ତି, ମଣିଷ ଏବଂ ପ୍ରକୃତି ମଧ୍ୟରେ ଅତୁଟ ସମ୍ପର୍କ ଏବଂ ପ୍ରେମର ପବିତ୍ରତା କାଳିଦାସଙ୍କ ରଚନାରେ ପ୍ରତିଫଳିତ ହୋଇଥାଏ । କାଳିଦାସ ସମ୍ମାନ ଭାରତର ସଂସ୍କୃତି ପ୍ରତି ଏକ ସମ୍ମାନ ବୋଲି ଉପରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି । ଏହି ଅବସରରେ ୨୦୨୨-୨୩ ବର୍ଷ ପାଇଁ କାଳିଦାସ ଅଳଙ୍କରଣ ସମ୍ମାନରେ ୮ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଉପରାଷ୍ଟ୍ରପତି ସମ୍ମାନିତ କରିଥିଲେ । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ମହାକବି କାଳିଦାସଙ୍କ କୃତି ତଥା ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ । ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ ମଙ୍ଗୁଭାଇ ପଟେଲ, ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ପ୍ରମୁଖ ଯୋଗଦେଇଥିଲେ ।

## ଉପରାଷ୍ଟ୍ରପତି-ପଞ୍ଜାବ

ସୂଚନା ଯୋଗ୍ୟ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ପ୍ରତିକୂଳ ପାଗ ଯୋଗୁଁ ଆଜି ଲୁଧିଆନାର ହଲୱାରା ବାୟୁସେନା ବନ୍ଦରରେ ଅବତରଣ କରିପାରି ନ ଥିଲେ । ଶ୍ରୀ ଧନଖଡ଼ ଆଜି ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଥିଲା । ତେବେ ଉପରାଷ୍ଟ୍ରପତିଙ୍କ ବିମାନ ଅମୃତସର

ବିମାନ ବନ୍ଦରରେ ଅବତରଣ କରିଥିଲା । ସେଠାରୁ ଶ୍ରୀ ଧନଖଡ଼ ମଧ୍ୟପ୍ରଦେଶର ଉଜ୍ଜୈନ୍ ଯାଇ ମହାକବି କାଳିଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଇଣ୍ଡିଆ ପାଟେଣ୍ଟନ୍ସ

ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସୂଚକାଙ୍କ ୨୦୨୪ ରିପୋର୍ଟରେ ପେଟେଣ୍ଟ, ଟ୍ରେଡ୍‌ମାର୍କ ଏବଂ ଶିଳ୍ପ ଡିଜାଇନ୍‌ରେ ଭାରତ ବିଶ୍ୱର ଶ୍ରେଷ୍ଠ ୧୦ଟି ଦେଶ ମଧ୍ୟରେ ସ୍ଥାନିତ ହୋଇଛି । ବୌଦ୍ଧିକ ସମ୍ପତ୍ତି କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ଏ କ୍ଷେତ୍ରରେ ବିଶ୍ୱସ୍ତରୀୟ ନେତୃତ୍ୱ ପାଇଁ ଭାରତ ନିଜ ସ୍ଥାନ ସୁଦୃଢ଼ କରିବାରେ ଲାଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ବାଣିଜ୍ୟ ଶିଳ୍ପ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ୬୪ ହଜାର ୪୮୦ଟି ଆବେଦନ ସହିତ ପେଟେଣ୍ଟ କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ଷଷ୍ଠ ସ୍ଥାନ ହାସଲ କରିଛି । ଗତ ବର୍ଷ ତୁଳନାରେ ଏଥିରେ ୧୪୯ ଦଶମିକ୍ ୪ ପ୍ରତିଶତ ବୃଦ୍ଧି ଘଟିଛି । ଏହା ଦେଶର ବିକଶିତ ବୌଦ୍ଧିକ ସମ୍ପତ୍ତି ଇକୋ ସିଷ୍ଟମ୍‌କୁ ପ୍ରତିପାଦନ କରୁଛି । ଭାରତର ଶିଳ୍ପ ଡିଜାଇନ୍ ଆପ୍ଲିକେସନ୍ ଗୁଡ଼ିକରେ କ୍ରମାଗତ ୩୬ ଦଶମିକ୍ ୪ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି ।

# ଭାରତ-ରୁଷ ଏଗ୍ରିକଲଚର୍

ରୁଷର କୃଷି ଉପମନ୍ତ୍ରୀ ମାକ୍‌ସିନ୍ ଟିଟୋଭ୍‌ଙ୍କ ନେତୃତ୍ୱରେ ଭାରତ ଆସିଥିବା ପ୍ରତିନିଧି ମଣ୍ଡଳୀ ଗତକାଲି ଖାଉଟି ବ୍ୟାପାର ସଚିବ ନିଧି ଖରେଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଦୁଇ ଦେଶ ମଧ୍ୟରେ ଡାଲି ଜାତୀୟ ଶସ୍ୟ ବାଣିଜ୍ୟ କାରବାର ଉପରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଛି । ଗତ କିଛି ବର୍ଷ ମଧ୍ୟରେ ରୁଷ ଭାରତ ମସୁର ଡାଲି ହଳଦିଆ ମଟର ଆମଦାନୀର ଏକ ପ୍ରମୁଖ ଉତ୍ସ ଭାବେ ପରିଗଣିତ ହୋଇଛି । ଏହା ବ୍ୟତୀତ ହରଡ଼ ଡାଲିକୁ ବାଣିଜ୍ୟ କାରବାରରେ ସାମିଲ କରିବା ପାଇଁ ଦୁଇ ଦେଶ ଆଲୋଚନା କରିଥିବା ଜଣାପଡ଼ିଛି । ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, କର୍ଣ୍ଣାଟକର କେତେକ ଅଞ୍ଚଳରେ ଶୀଘ୍ର ହରଡ଼ ଅମଳ ଆରମ୍ଭ ହୋଇସାରିଛି । ହରଡ଼, ଚଣା ଏବଂ ହଳଦିଆ ମଟର ସାମଗ୍ରୀର ଉପଲବ୍ଧତା ଅଧିକ ରହିଛି । ନଭେମ୍ବରରୁ ଅଷ୍ଟ୍ରେଲିଆରୁ ଚଣା ଆମଦାନୀ ହୋଇ ଆସିଯିବ ବୋଲି ଆଶା କରାଯାଉଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ପାଟିଲ୍-ଆସାମ

ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ କହିଛନ୍ତି, ଭାରତର ଅର୍ଥନୀତି ଜଳସମ୍ପଦ ଉପରେ ନିର୍ଭରଶୀଳ । ଜଳାଶୟକୁ ସଂରକ୍ଷିତ ରଖିବା ଏବଂ ଏହାର ପୁନରୁଦ୍ଧାର କରିବା ଆମର କର୍ତ୍ତବ୍ୟ । ଗୌହାଟିଠାରେ ଝରଣା ଜଳ ପରିଚାଳନା ଉପରେ ଦୁଇଦିନିଆ କର୍ମଶାଳାକୁ ଆଜି ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ପାଟିଲ କହିଛନ୍ତି, ଜଳ ସଂରକ୍ଷଣ ଦିଗରେ ସଚେତନତାର ଆବଶ୍ୟକତା ରହିଛି । ସ୍ଥାୟୀ ଜଳସମ୍ପଦ ବିନା ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ହେବା କଷ୍ଟସାଧ ।  ପରେ ବ୍ରହ୍ମପୁତ୍ର ବୋର୍ଡ୍‌ର ତେରତମ ଉଚ୍ଚ କ୍ଷମତା ସମ୍ପନ୍ନ ସମୀକ୍ଷା ବୋର୍ଡ୍ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାଟିଲ୍ ବ୍ରହ୍ମପୁତ୍ର ଏବଂ ବାରାକ୍ ଉପତ୍ୟକାରେ ବନ୍ୟା ନିୟନ୍ତ୍ରଣ ତଥା ନଦୀ ପରିଚାଳନା  ପାଇଁ ରଣନୈତିକ ପଦକ୍ଷେପ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଇ.ଏଫ୍.ସି. ଅନୁମୋଦିତ ନଦୀ ଅବବାହିକା ପରିଚାଳନା ଯୋଜନା ଅଧୀନରେ ପାଣିର ବ୍ୟବହାର ଏବଂ ଭବିଷ୍ୟତ କାର୍ଯ୍ୟ ପନ୍ଥାକୁ ନେଇ ପ୍ରକଳ୍ପ ରଣନୀତି ପ୍ରସ୍ତୁତ କରିବା ଉପରେ ମନ୍ତ୍ରୀ ଶ୍ରୀ ପାଟିଲ ପରାମର୍ଶ ଦେଇଥିଲେ ।

# ପବ୍ଲିକ ସର୍ଭିସ ବ୍ରଡକାଷ୍ଟିଂ ଡେ

ଲୋକସେବା ପ୍ରସାରଣ ଦିବସ ଆଜି ପାଳିତ ହୋଇଛି । ୧୯୪୭ ମସିହାରେ ଦିଲ୍ଲୀର ଆକାଶବାଣୀ ଷ୍ଟୁଡିଓକୁ ମହାତ୍ମା ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଥାଏ । ଦେଶ ବିଭାଜନ ପରେ ହରିୟାଣାର କୁରୁକ୍ଷେତ୍ରରେ ଅସ୍ଥାୟୀଭାବେ ବସବାସ କରୁଥିବା ବିସ୍ଥାପିତ ଲୋକମାନଙ୍କୁ ସିଧାସଳଖ ସାକ୍ଷାତ କରିନପାରି ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ଦିନ ଦିଲ୍ଲୀ ଆକାଶବାଣୀ କେନ୍ଦ୍ରରୁ ରେଡ଼ିଓ ବାର୍ତ୍ତା ମାଧ୍ୟମରେ ସମ୍ବୋଧିତ କରିଥିଲେ ।

ଆକାଶବାଣୀ ଭବନରେ ଆଜି ଏହି ଦିବସ ପାଳନ ଅବସରରେ ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହେଗଲ୍ ଜାତିର ପିତାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ବାପୁଙ୍କ ବାର୍ତ୍ତା ସମସ୍ତଙ୍କୁ ସମାଜର ମଙ୍ଗଳ ପାଇଁ ଚିନ୍ତା କରିବାକୁ ପ୍ରେରଣା ଦେଇଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ୍ ଗୌର, ଦୂରଦର୍ଶନ ମହାନିର୍ଦ୍ଦେଶକ କାଞ୍ଚନ ପ୍ରସାଦଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

# ହକି

ମହିଳା ଏସିଆନ୍ ଚାମ୍ପିୟନସ୍ ହକି ପ୍ରତିଯୋଗିତା ୨୦୨୪ରେ ଆଜି ଭାରତ ଦକ୍ଷିଣ କୋରିଆ ବିରୁଦ୍ଧରେ ୩-୨ ଗୋଲ୍‌ରେ ବିଜୟୀ ହୋଇଛି । ଗତକାଲିର ମ୍ୟାଚ୍‌ରେ ଭାରତ ମାଲେସିଆକୁ ୪-୦ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ଜାପାନ୍ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍ ୨-୨ରେ ଅମିମାଂଶିତ ଭାବେ ଶେଷ ହୋଇଥିଲା ।

# ଭାରତ-ପାକିସ୍ତାନୀ ସ୍କ୍ରାବଲ୍

ଭାରତରେ ଚାଲିଥିବା ସ୍କ୍ରାବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନୀ ଖେଳାଳିଙ୍କୁ ଭିସା ପ୍ରଦାନ କରାନଯିବା ସଂକ୍ରାନ୍ତ ଗଣମାଧ୍ୟମ ରିପୋର୍ଟକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିଛି । ପାକିସ୍ତାନୀ ଦଳକୁ ଗତ ୭ ତାରିଖରେ ୧୨ଟି ଭିସା ପ୍ରଦାନ କରାଯାଇଥିଲା । ଏହା ମାଧ୍ୟମରେ ସେମାନେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ଭାରତ ଗସ୍ତ କରିପାରିବେ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏଥିରେ ଏସୀୟ କପ୍‌ର ଗତବର୍ଷ ଚାମ୍ପିୟନ୍ ଏବଂ ବର୍ତ୍ତମାନର ବିଶ୍ୱ ଯୁବ ଚାମ୍ପିୟନ୍ ଅନ୍ତର୍ଭୁକ୍ତ ବୋଲି ମନ୍ତ୍ରଣାଳୟ କହିଛି ।